e-paper www.sambadkalika.in

30 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୭ ● ୨୨ ଫେବୃୟାରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-27 ● 22nd February 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24


## ଟେଷ୍ଟ ମାନ୍ୟତାରେ ୧୪ଟି ସ୍ଥାନ ଉପରକୁ ଉଠିଲେ ଯଶସ୍ୱୀ ଜୟସ୍ୱାଲ








ଲାଲଚନ୍ଦ ରାଜପୁତ ୟୁଏଇ କ୍ରିକେଟ ଦଳର ହେଡ୍ କୋଚ୍ ନିଯୁକ୍ତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୭ ● ୨୨ ଫେବୃୟାରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-27 ● 22nd February 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24







# ୫ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୨

ନ୍ୟୁଜ୍ ବ୍ୟୁରୋ

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ନୂଆପଡ଼ା ଓ ବୌଦ୍ଧ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ ।




ବୁଧବାର ୫ଟି ଜିଲ୍ଲାର ୧୦୫୭ଟି ପଞ୍ଚାୟତରେ ୨୫୫ଟି ବସ୍ ଚାଲିଲା ଏବଂ ଏହା ଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ। (ପୃଷ୍ଠା ୭ରେ)

# ଜନଜାତି ବର୍ଗଙ୍କ ଉପରେ ଥିବା ଛୋଟ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୨

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ଭାଇ ଭଉଣୀ ମାନଙ୍କ ଉପରେ ଥିବା ଛୋଟ ଛୋଟ ମକଦ୍ଦମାଗୁଡ଼ିକ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ ଓ ଜଙ୍ଗଲ ଓ ପରିବେଶ ବିଭାଗ ଜନଜାତି ବର୍ଗଙ୍କ ଉପରେ ଥିବା ମକଦ୍ଦମାଗୁଡ଼ିକର ସମୀକ୍ଷା କରିଥିଲେ। ମୋକଦ୍ଦମାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଉପରୋକ୍ତ ତିନୋଟି ବିଭାଗର ସମୁଦାୟ ୪୮୦୧୮ଟି ଜଙ୍ଗଲ ଓ ଅବକାରୀ ସଂପର୍କିତ ମାମଲା ପ୍ରତ୍ୟାହୃତ କରିବା ପାଇଁ ନିଷ୍ପତ୍ତି ହୋଇଛି।



ଏହି ମାମଲାଗୁଡ଼ିକ ମଧ୍ୟରେ ଅବକାରୀ ବିଭାଗ ଅଧିନରେ ୩୬୫୮୧ ମାମଲା, ଗୃହ ବିଭାଗ ଅଧୀନରେ ୯୮୪୬ ମାମଲା, ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ୧୫୯୧ ମାମଲାକୁ ପ୍ରତ୍ୟାହାର କରାଯାଇଛି। ଏହିସବୁ ମାମଲା ପ୍ରତ୍ୟାହୃତ ହେବାଦ୍ୱାରା କୋର୍ଟ ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ମଧ୍ୟ ଚାପ ହ୍ରାସ ପାଇବ।








# ଜିଜ୍ଞାସାର ସମାପ୍ତି ନାହିଁ

**ସନ୍ତୋଷ କୁମାର ଅଦାବର**

ଥରେ ଜଣେ ସାଧୁ ଜଙ୍ଗଲ ରାସ୍ତା ଦେଇ ତାଙ୍କର ଦୁଇଜଣ ଅନୁଗାମୀଙ୍କ ସହ କୌଣସି କାର୍ଯ୍ୟରେ ଯାଉଥିଲେ । ହଠାତ୍ ମଝି ଜଙ୍ଗଲରେ ଏକ ବ୍ୟକ୍ତି ସହ ତାଙ୍କର ସାକ୍ଷାତ ହୋଇଗଲା । ଜଙ୍ଗଲ ମଧ୍ୟରେ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ଦେଖି ସାଧୁ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ତାକୁ ନ ଦେଖିଲା ପରି ନିଜ ବାଟରେ ଯିବା ବେଳେ ସେ ବ୍ୟକ୍ତି ଜଣକ ତାଙ୍କ ପାଖକୁ ଦୌଡ଼ି ଆସି ସାଧୁଙ୍କୁ ପ୍ରଣାମ କଲା । ସାଧୁ ଜଣକ ଟିକିଏ ପ୍ରକୃତିସ୍ଥ ହୋଇ ସେଠାରେ ଛିଡ଼ା ହେଲେ । ତେବେ ସେ ବ୍ୟକ୍ତି ଜଣକ ସାଧୁଙ୍କୁ ପଚାରିଲା- ଆପଣ କୁଆଡ଼େ ଯାଉଛନ୍ତି ? ସାଧୁ କହିଲେ- ଭ୍ରମଣ ଉଦ୍ଦେଶ୍ୟରେ । ବ୍ୟକ୍ତି ପଚାରିଲା- କାହିଁକି ଭ୍ରମଣ କରୁଛନ୍ତି ? ସାଧୁ କହିଲେ- କିଛି ଭଲ ଜିନିଷର ଅନ୍ୱେଷଣରେ । ବ୍ୟକ୍ତି ପଚାରିଲା- ଭଲ ଜିନିଷ କ'ଣ ? ସାଧୁ ଅଳ୍ପ ହସି କହିଲେ- ତୁମେ ହିଁ ସେ ଭଲ ଜିନିଷ । 'ମୁଁ ସେ ଭଲ ଜିନିଷ, ଯାହାହେଉ ଆପଣ ଅନ୍ୱେଷଣ କରୁଥିବା ଜିନିଷ ପାଇଗଲେ' କହି ଲୋକଟି ହସି ହସି ସେଠାରୁ ନିଜ ରାସ୍ତାଧରି ଦୂରକୁ ଚାଲିଗଲା । କିଛି ସମୟ ପରେ ଉଭୟ ଅନୁଗାମୀଙ୍କୁ ସାଧୁ ଜଣକ କହିଲେ- ଆଜିର ଏ ଘଟଣାରୁ କ'ଣ ଶିଖିଲେ ? ପ୍ରଥମ ଅନୁଗାମୀ କହିଲେ- ମନୁଷ୍ୟକୁ ପ୍ରଶଂସା କଲେ ବ୍ୟକ୍ତି ଭେଦରେ ତା' ମଧ୍ୟରେ ଅହଂଭାବ ଅଳ୍ପ ବା ବହୁତ ସୃଷ୍ଟି ହୁଏ । ଦ୍ୱିତୀୟ ଅନୁଗାମୀ କହିଲେ- ଅଧିକାଂଶ ମନୁଷ୍ୟକୁ ପ୍ରଶଂସା କଲେ ସେମାନଙ୍କର ଜିଜ୍ଞାସାର ଅନ୍ତ ଘଟିଥାଏ, ଯେମିତି ଏ ବ୍ୟକ୍ତି ଜଣକଙ୍କର ଜିଜ୍ଞାସାର ଅନ୍ତ ଶୀଘ୍ର ଘଟିଲା । ସାଧୁ ଜଣକ ତାଙ୍କର ଉଭୟ ଅନୁଗାମୀଙ୍କ କଥା ସ୍ୱୀକାର କରି ଯୋଡ଼ିଲେ- ନିରର୍ଥକ ପ୍ରଶ୍ନ କରି ଜିଜ୍ଞାସା ସୃଷ୍ଟି କରୁଥିବା ସେ ଲୋକଟିକୁ ଲକ୍ଷ୍ୟକରି ମୁଁ ତା'ର ଶେଷ ପ୍ରଶ୍ନର ସେଭଳି ଉତ୍ତର ଦେଲି । ପ୍ରକୃତରେ ଜିଜ୍ଞାସା ପ୍ରବୃତ୍ତିର ମାନବ ମନରେ ପ୍ରଶଂସା ପ୍ରତି ଲୋଭ ନ ଥାଏ ଏବଂ କୌଣସି ଭଲ ବିଷୟକୁ ନେଇ ତାଙ୍କର ମନରେ ଜିଜ୍ଞାସାର ସମାପ୍ତି ନଥାଏ । ଏହା କହି ସେମାନେ ନିଜ ଭ୍ରମଣ ଦିଗରେ ନିଜର ଇପ୍ସିତ ବିଷୟ ହାସଲ କରିବା ନିମନ୍ତେ ଆଗକୁ ଅଗ୍ରସର ହେଲେ ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

# ବସନ୍ତ ଆସିଲା କୋଇଲି ଗାଇଲା

*ନୀଳମଣି ଋଅ*



ବସନ୍ତ ଆସିଲା କୋଇଲି ଗାଇଲା
କୁହୁ କୁ କୁହୁ
କାନ ଡେରି ଶୁଣ ତୋଟାରେ ରହିକି
ମାରନି ଛୁଉ

ସୁଲୁ ସୁଲୁ ସୁଲୁ ମଳୟ ବହିଲା
ଦକ୍ଷିଣ ଦିଗୁଁ
ଶୀତୁଆ ମାଘଟା ଧରା ଛାଡ଼ିଲାଣି
ଟିକିଏ ଆଗୁଁ

ପବନରେ ଆସେ ଆମ୍ବ ବଉଳର
ବାସଟି ଭାସି
ଅଶୋକ ଗଛଟି ଫୁଲ ଭେଟିଦିଏ
ଏବେରେ ଆସି

ନିମ୍ବ କଢ ଫୁଟି କେବେଠୁଁ ଗଛରେ
ଖେଳୁଛି ଦୋଳି
ବସନ୍ତ କହୁଛି ଫଗୁ ରଙ୍ଗ ଦେବ
ସଭିଙ୍କୁ ବୋଲି

ଋତୁରାଜ ବୋଲି ସିଏରେ ଆଦର
ସବୁଠିଁ ପାଏ
ରାଜୁତି କରି ଧରାରେ ରହିକି
ଚୈତ୍ର ଯାଏ

ତା'ପରି ସୁନ୍ଦର ଋତୁ ବାଟ ଚାହିଁ
ଥାଏରେ ଧରା
ସବୁ ବଦଳିଛି ଲାଗେ ନୂଆ ନୂଆ
ଏ ସତ ପରା ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ସୁନାଝିଅ

*ଜଗଦୀଶ ସାହୁ*

ସୁନାଝିଅ ଆମ ସୁନାଝିଅ
ମାଆ କଥା ମାନି ଖାଇଦିଅ
ମନଦେଇ ପଢ଼ ଜୀବନକୁ ଗଢ଼
ବିଦ୍ୟା ମହାଧନ ଜାଣିଥାଅ !
ଉଚ୍ଚ ହେବା ପାଇଁ ଆଶାର
ପରିଶ୍ରମ କର ହେବ ସୁଖୀ
କୀରତି ତୁମର ଛୁଇଁଲେ ଶିଖର
ଶୁଭେଚ୍ଛାର ଛୁଟିଯିବ ସୁଅ !
ବୈଜ୍ଞାନିକ ଅବା ଡାକତର
ସବୁଥିରେ ଝିଅ ଆଗଭର
ପୁଅ ଆଉ ଝିଅ ସମାନ ଉଭୟ
ଏକଥା ଭଲରେ ବୁଝିନିଅ !
କରନାହିଁ ତୁମ ମନଉଣା
କନ୍ୟା ରତନରେ ହୁଏ ଗଣା
ଥିଲେ ଝିଅଟିଏ ସେବା କରିସିଏ
ସଭିଙ୍କର ହୁଏ ଅତିପ୍ରିୟ !

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ- ୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଆମ ଓଡ଼ିଶା

*ଆଦ୍ୟାଶା ମହାପାତ୍ର*



ସବୁ ରାଜ୍ୟ ମଧ୍ୟେ ଓଡ଼ିଶା ପ୍ରଦେଶ
ବିବେଚିତ ହୁଏ ଶ୍ରେଷ୍ଠ
ପ୍ରକୃତି ମାତାର ଅପୂର୍ବ ସୌନ୍ଦର୍ଯ୍ୟ
ଯେଣୁ ଏଠି ସମାଗତ

ପରବତ ମାଳା ଚଉଦିଗେ ଘେରି
ବଢ଼ାଉଛି ଯା'ର ଶୋଭା,
ଧୋଇବାକୁ ତା'ର ପବିତ୍ର ପୟର
ସୁନୀଳ ସାଗର ଉଭା

ନୀଳାଚଳେ ବିଜେ ଜଗତର ନାଥ
ସ୍ୱୟଂ ପ୍ରଭୁ ଜଗନ୍ନାଥ
ତାଙ୍କ କୃପାବାରି ଲଭିବାକୁ ପରା
କୋଟି ଜନ ସମବେତ

କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
କୋଣାରକ ମୁକ ସାକ୍ଷୀ,
ସାରା ବିଶ୍ୱ ଆଜି ହୁଅଇ ଚକିତ
ତା' କଳା ଭାସ୍କର୍ଯ୍ୟ ଦେଖି

ସୁଭାଷ ବକ୍ସି ଜୟୀ ରାଜଗୁରୁ
ଏଇ ମାଟି ମାଆ ସୁତ
ବାଜିତ ବାଜିଆ ବୀରତ୍ୱର ଗାଥା
ବିଶ୍ୱେ ବକ୍ଷେ ସୁବିଦିତ

କୃଷି ପ୍ରଧାନ ଏ ରାଇଜେ କୃଷକ
ଫଳାଏ ସୁନା ଫସଲ
ମାଟି ମାଆ ଗର୍ଭେ ସଞ୍ଚିତ ଐଶ୍ୱର୍ଯ୍ୟ
ସତେ କି ଅମୂଲ ମୂଲ

ତାରକସି କାମ ତନ୍ତ ବୁଣା ପାଟ
ଉତ୍କଳର ସ୍ୱାଭିମାନ
ମନ୍ଦିର ମାଳିନୀ ଏଇ ରାଇଜ ମୋ
କରିଛି ଆମକୁ ଧନ୍ୟ ।

*ନୂଆପଡା, କଟକ*

# ପରୀକ୍ଷା ସମୟ ଆସିଗଲା

*ନିରାକାର ଚଇନି*



ପରୀକ୍ଷା ସମୟ ଆସିଗଲା ପିଲେ
ସଜାଗ ହୁଅରେ ଏବେଠାରୁ
ନହେଲେ ଖାତାରେ ନମ୍ବର ରଖିବ
ଗୋଲେଇ ଗୋଲେଇ ଆଳୁ ସାରୁ
ବୁଲାବୁଲି ଅବା ଭୋଜିଭାତ କଥା
ମନରୁ ପାଶୋରି ଦିଅ ଭାଇ
ଟିଭି ଦେଖା ନିଶା ଛାଡ଼ିଦିଅ ତୁମେ
ମୋବାଇଲ ହାତେ ଧରନାହିଁ
ଖେଳା ଖେଳି ଆଉ ଗୁଲି ଗପରେ ତ
ସାରନାହିଁ ଜମା ବେଶୀ ବେଳ
ଆପଣା ମଙ୍ଗଳେ କିଛି ଦିନ ପାଇଁ
ଭୁଲିଯାଅ ସାଙ୍ଗ ସାଥି ମେଳ
ଏଣୁ ତେଣୁ କଥା ମନରେ ନଭାବି
ପଢ଼ିବାରେ ସଦା ମନ ଦିଅ
ବୁଝି ପାରୁନାହଁ ଯେଉଁ ପାଠଟିକୁ
ଗୁରୁଙ୍କୁ ପଚାରି ବୁଝିନିଅ
ଦେଖିବ ନିଶ୍ଚୟ ସଫଳ ହୋଇବ
ଓଠରୁ ଝରିବ ହସ ଝର
ଗରବ କରିବେ ତୁମ ପାଇଁ ତୁମ
ପିତା ମାତା ବନ୍ଧୁ ସହୋଦର ।

*କଳିଗାଁ, ହାଟଡିହି, କେନ୍ଦୁଝର- ୮୩*
*ମୋ- ୮୨୪୯୩୮୭୯୭୩*



# ଆମ ଭାଷା ବଢ଼ିଆ

*ଧ୍ରୁବ ଚରଣ ଘିବେଲା*

ମୋ'ର ଭାଷା ଆମର ଭାଷା
ବଢ଼ିଆ ଓଡ଼ିଆ
ଆମ ରାଜ୍ୟର ନାଆଁ ଓଡ଼ିଶା
ଅଧିବାସୀ ଓଡ଼ିଆ

ମୋ'ର ରାଜ୍ୟ ଆମର ରାଜ୍ୟ
ଓଡ଼ିଆଙ୍କର ରାଜ୍ୟ
ଆମର କଥା ଆମର ଭାଷା
ତହିଁରେ ମାଧୁର୍ଯ୍ୟ

ମୋ'ର ଜାତି ଆମର ଜାତି
ଆମେ ଓଡ଼ିଆ ଜାତି
ଆମର ଭାଷା ଜାତିର ଭାଷା
ଭାଷାରେ ଆମ ପ୍ରୀତି

ମୋ'ର ପ୍ରିୟ ଆମର ପ୍ରିୟ
ପ୍ରିୟ ଓଡ଼ିଶା ଭୂଇଁ
ପ୍ରିୟ ମୋ' ଭାଷା ସେ ମିଠା ଭାଷା
ଧନ୍ୟ ଏଠି ଜନମି

ମୋ'ର ଦିଅଁ ଆମର ଦିଅଁ
ଆମର ଜଗନ୍ନାଥ
ଓଡ଼ିଆଙ୍କର ସେ ଆରାଧ
ସାରା ଜଗତ ନାଥ

ଓଡ଼ିଆଙ୍କର କଥିତ ଭାଷା
ଅଟଇ ମାତୃଭାଷା
ଲେଖି ପଢ଼ିକି ପୁଣି କହିକି
ରଖିବା ଟେକ ଯଥା

ଆଉ ଯୋ' ଭାଷା ଶିଖିଲେ ମଧ
ଭୁଲିବାନି ଓଡ଼ିଆ
ଭଲ ପାଇବା ଭାଷାକୁ ଆମ
ଆମ ଭାଷା ବଢ଼ିଆ

*ବଉଦରାଜ, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଭଲ ହେବ

*କୀର୍ତ୍ତନ ସାହୁ*

ଭଲ ହେବ ଯଦି ପିତା ମାତା ଆଉ
ଗୁରୁଜନ ସେବା କର
ଭକତି କୁସୁମ ଅରପି ତାହାଙ୍କୁ
ଖୁସି ଦେଇ ମନ ଭର

ଭଲ ହେବ ଯଦି ମନ ଦେଇ ପଢି
ଜ୍ଞାନ ଅରଜନ କର
ଦୁଃଖୀ ମଣିଷର ସେବା କରି ତାଙ୍କ
ମନରୁ ହଟାଅ ଡର

ଭଲ ହେବ ଯଦି ସତ ପଥେ ଚାଲି
ପାଅ ପଛେ କିଛି କଷ୍ଟ
ସୁଫଳ ମିଳିବ ନିଶ୍ଚେ ଦିନେ କିଆଁ
ମିଛ ପଥେ ହେବ ନଷ୍ଟ

ଭଲ ହେବ ଯଦି ପ୍ରତି ମଣିଷକୁ
ଭଲ ତମେ ପାଉ ଥାଅ
ସୁଖରେ ଦୁଃଖରେ ମିଶି ତାଙ୍କ ସାଥେ
ଅପାର ଆନନ୍ଦ ପାଅ

ଭଲ ହେବ ଯଦି ଭଲକୁ ବାଛିବା
ଭୁଲକୁ ସୁଧାରି ନେଇ
ନିଜ କାମ ଠିକ କରିବା ସହିତ
ଅନ୍ୟକୁ ସମୟ ଦେଇ ।

*ମିଶ୍ରକଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*





# ଆମେ ଦେଶର କୁନି ବିଜ୍ଞାନୀ

*ନଳିନୀ ଦାଶ*

ଆମେ ଦେଶର କୁନି ବିଜ୍ଞାନୀ
ରଖିବୁ ଦିନେ ମାନ
ବିଜ୍ଞାନ ପଢି ଗଢ଼ିବୁ ଯନ୍ତ୍ର
ହୋଇଣ ଏକ ମନ ।

ଭାବନି କୁନି ନୁହେଁ ଅଜ୍ଞାନୀ
ହେବ କେ ଆମ ତୁଲ
ବିଜ୍ଞାନ ବଳେ ଫୁଟାଇଦେବୁ
ଜାତି ଜାତିକା ଫୁଲ ।

ନାସା ବିଜ୍ଞାନୀ ହୋଇବୁ ଆମେ
ଯିବୁ ରକେଟ ଚଢି
ଗବେଷଣାକୁ କରି ହାତରେ
ଆଗକୁ ଯିବୁ ବଢ଼ି ।

ଗଢିବୁ ହାତେ କୃଷି ଯନ୍ତ୍ରକୁ
ଚାଷୀ ଭାଇଙ୍କ ପାଇଁ
ସୁନା ଫସଲେ ହସି ଉଠିବ
କ୍ଷେତ ପଡିଆ ଭୂଇଁ ।

ଉଡାଜାହାଜ ହେଲିକାପ୍ଟର
ଯିବ ଆକାଶେ ଉଡି

ବୋଟ୍ ଲଞ୍ଚଟି ବିଜ୍ଞାନ ପାଇଁ
ଚାଲେ ଜଳରେ ବୁଡ଼ି ।

ପରୀକ୍ଷା କରି ମାଟି ପାଣିର
ମାପିବୁ ଆମେ ମାନ
ଚନ୍ଦ୍ର ପୃଷ୍ଠକୁ ଯାଇ କରିବୁ
ସନ୍ଧାନ ଅମ୍ଳଜାନ ।

ଦେଶ ମାଟିରେ ବୈଜ୍ଞାନିକରେ
ହୋଇବୁ ଦିନେ ଗଣା
ଗ୍ରହ ନକ୍ଷତ୍ର ତାରା ଫୁଟାଇ
ହେବୁ ଜଗତ ଜିଣା ।

ଲଗାଇଦେବୁ ଆମରି ହାତେ
ଭଳି ଭଳିକା ଚାରା
ଫୁଲ ଫଳରେ ଭରି ଦିଶିବ
ସୁନ୍ଦର ଏଇ ଧରା ।

ଚନ୍ଦ୍ରଯାନକୁ ଛାଡ଼ିବୁ ନିଜେ
ଜହ୍ନ ରାଇଜ ଯିବ
ଭାରତ ମାତା ଯଶ ରଖିବୁ
ତ୍ରିରଙ୍ଗା ଉଡୁଥିବ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୬୩୭୦୦୯୫୨୪୧*

# ଶୀତ ଫେରିଯାଏ ମାଘ ଶେଷରେ

*ପ୍ରଫୁଲ୍ଲ କୁମାର ସାହୁ*



ମାଘ ପୂର୍ଣ୍ଣମୀରେ ଅଗି ଜଳିଲା,
ନିଜ କାମ ସାରି ଆମ ରାଇଜରୁ
ଚାରି ମାସ ରହି ଶୀତ ଫେରିଲା
ବିଦାୟ ଦେବାରେ ଆସ,
ଶୀତ ପାଇଁ ସିନା ଆମରି ବାଡିରେ
ହୋଇଲା ପରିବା ଚାଷ । ୧

ପନିପରିବାରେ ଆମରି ବାଡ଼ି,
ସତେକି ସେଠାରେ ହାଟ ବସିଥିଲା
ଲୋକେ ଆସୁଥିଲେ ସେଠାକୁ ମାଡ଼ି
ବେପାରୀଙ୍କୁ ଦେଖି ଚାଷୀ,
ନିଜର ପରିବା ବିକି ଦେଉଥିଲା
ମନେ ହୋଇ ବଡ଼ ଖୁସି । ୨

ଚାଷୀର ଘରଣୀ ନିତି ସକାଳେ,
ମନ ଖୁସିରେ ସେ ହାତେ ଝୁଡି ଧରି
ବାଡ଼ିକୁ ଯାଇ ସେ ପରିବା ତୋଳେ
ଦୁହେଁ ପରା ସାଥୀ ହୋଇ,
ସକାଳଠୁଁ ସଞ୍ଜ ବାଡ଼ିରେ ଖଟନ୍ତି
ନିଜ ରୋଜଗାର ପାଇଁ । ୩

ଶୀତ ଫେରିଯାଏ ମାଘ ଶେଷରେ,
ଫଗୁଣ ଆସିବ ଆମ ରାଇଜକୁ
ମଳୟ ସାଥୀରେ ନୂଆ ବେଶରେ
ଝୁଲଇ ବଉଳ ପେନ୍ଥା,
କୁହୁ କୁହୁ ତାନେ କୋଇଲି କହିବ
ଫଗୁଣର ନୂଆ କଥା । ୪

ଶୀତ ପାଇଁ ହେଲା ଓଷା ପରବ,
ମାଣବସା, ଶାମ୍ବ ଦଶମୀ ସାଥୀରେ
ସରସ୍ୱତୀ ପୂଜା ଆମ ଗରବ
ହେଲା ନାନା ଜାତି ପିଠା,
ଘରେ ଘରେ ପର୍ବ ପାଳିଲେ ସଭିଏଁ
ଏ ଆମ ପ୍ରାଚୀନ ପ୍ରଥା । ୫

*ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,*
*ମାହାଙ୍ଗା, କଟକ- ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*



# ଶିଶୁଟିଏ ବୋଲି

*ଡ. ଦୀପକ କୁମାର ମିଶ୍ର*

ଶିଶୁଟିଏ ବୋଲି କର ନାହିଁ ହେଳା
ଫୁଲ ହେବି ଆଜି କଢ଼ି
ମହକାଇ ଦେବି ଦିନେ ଜଗତକୁ
ଗୁଣର ଅତର ବାଢ଼ି

କୁନି ମନେ ମୋର ଗୁରୁଜନ ପାଇଁ
ଭକତିରେ ଅଛି ପୂର୍ଣ୍ଣ
କରିଛି ଯେ ପଣ ଦେଶର ସେବାରେ
ଦେବିରେ ମୋର ଜୀବନ

ଦ୍ୱି ପତ୍ରରୁ ବାସେ ଅଗଣା ତୁଳସୀ
ଊଣା ଭାବ ନାହିଁ ମତେ
ଯେତେ ମହାପୁରୁଷ ଶିଶୁ ଥିଲେ ଦିନେ
ଏ କଥା ଭୁଲ କି ସତେ

ଠାକୁର ଅଛନ୍ତି ମୋ ଦେହ ଭିତରେ
ମିଛ ମତେ ଜଣା ନାହିଁ
ଛନ୍ଦ କପଟରୁ ବହୁତ ଦୂରରେ
ସୁବାଟକୁ ରହେ ଚାହିଁ

ଦିନେ ନା ଦିନେ ମୁଁ ବଡ଼ଲୋକ ହେଇ
ଭଲ କାମ କରିଯିବି
ଗାଁ ଦେଶ ମାଟି ମତେ ଯେ ଝୁରିବେ
ମୋ କଥାକୁ ଭାବି ଭାବି ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



# ମୁଁ ଗଛଟିଏ

**କାଳି ଦାସ**

ମୁଁ ଗଛ ଟିଏ
ସୃଷ୍ଟି କର୍ତ୍ତାଙ୍କ ଶ୍ରେଷ୍ଠ ସୃଷ୍ଟି ଟିଏ
ପରୋପକାର ପାଇଁ ଜନ୍ମ ମୋର
ମତେ ମାର ନାହିଁ ମତେ କାଟ ନାହିଁ
ମୁଁ ତୁମର ମଙ୍ଗଳକାମି ମିତଟିଏ
ମୁଁ ଫଳ ଦିଏ
ମୁଁ ଫୁଲଦିଏ
ଜୀବ ଜନ୍ତୁଙ୍କୁ ଆଶ୍ରୟ ଦିଏ
ମୁଁ ଗଛ ଟିଏ
ମତେ ମାରନାହିଁ
ମତେ କାଟ ନାହିଁ
ମୁଁ ତୁମର ମିତ ଟିଏ
ତୁମ ପରିବେଶ ପାଇଁ ମୁଁ କଳ୍ପ ବୃକ୍ଷ
ଜନ୍ମ ସମୟରେ ଶିଶୁ ହୋଇ
ମୋ କୋଳରେ ଶୋଇ ଥାଅ
ମୃତ୍ୟୁ ପରେ ବି
ମୁଁ ତୁମ ସାଥିରେ ପାଉଁଶ ହୁଏ
ମତେ ବଞ୍ଚିବାକୁ ଦିଅ
ମତେ କାଟ ନାହିଁ
ମତେ ମାର ନାହିଁ
ମୁଁ ତୁମର ମିତ ଟିଏ
ତୁମର ସେବା ପାଇଁ ଜନ୍ମ ମୋର
ମୁଁ ମୋ ଫଳ ଖାଏନାହିଁ
ସାଇତି ରଖିଥାଏ ତୁମ ପାଇଁ
ମତେ ବୁଝିବା ପାଇଁ ଚେଷ୍ଟା କର
ମୁଁ ତୁମର ଶୁଭ ଚିନ୍ତକ ଟିଏ
ମୁଁ ମିତ ଟିଏ
ମୁଁ ଗଛ ଟିଏ ।

*ବ୍ରହ୍ମପୁର,ଖୋଡ଼ାସିଙ୍ଗକଳିଙ୍ଗନଗର*
*ଫୋନ- ୭୨୦୫୧୦୦୮୩୯*

# ମୋ ଓଡ଼ିଆ ଭାଷା

*ସୁରମା ମିଶ୍ର*



କେତେ ଭଲ ଲାଗେ ମୋ ଓଡ଼ିଆ ଭାଷା
ଶୁଭଇ କେଡ଼େ ମଧୁର
ବିଦେଶରେ ଥାଇ ମନେ ପଡୁଅଛି
ଝୁରୁଛି ମୁଁ ନିରନ୍ତର

ଭାଷା ବିନିମୟ କରି ପାରୁ ନାହିଁ
କେବେ ବି କାହା ସାଥିରେ
ନିଜ ଭାଷା ପଦେ ଶୁଣି ପାରୁନାହିଁ
ରହୁଛି ମନ ଦୁଃଖରେ

ଡାଡ଼ି ମମି ଡାକ ଶୁଣି ଶୁଣି ମୋର
କାନ ହେଲାଣି ବଧିର
ବାପା ମାଆ ଡାକ ଶୁଣିବାକୁ ଥରେ
ମନ ହେଉଛି ଆତୁର

ଭାଷାଟି ତ ମୋର ମାଆର ସମାନ
ପୂଜଇ ମୁଁ ଅବିରତ
ତା ସରଳ ଶବ୍ଦ ପଢ଼ି ଦେଲେ ଥରେ
ମନ ମୋ ହୁଏ ଉଷତ

ମୋ ଭାଷାର ବାସ ଭାସି ଆସି ଦୂରୁ
ମୋ ପାଶେ ପହଞ୍ଚି ଯାଏ
ସେ ବାସ ଆଘ୍ରାଣ କରି ମନ ମୋର
ଆତ୍ମ ସନ୍ତୋଷଟି ପାଏ

ମୋ ରାଇଜେ ଏବେ ପାଳନ ହୋଇଲା
ବିଶ ମାତୃଭାଷା ଦିବସ
ଦେଖି ପାରିଲିନି ସ୍ୱଚକ୍ଷୁରେ ଥରେ
ରହିଗଲା ଅବଶୋଷ

ଓଡ଼ିଶା ମାଟିରେ ଜନମ ହୋଇ ମୁଁ
ଓଡ଼ିଆ ରକତ ବହି
କିଛି କରି ପାରୁନାହିଁ ମାଆ ପାଇଁ
ରହିଛି ମୁଁ ମୂକ ହୋଇ

ମାତୃଭାଷା ଠାରୁ ବଡ଼ କିଛି ନାହିଁ
ସିଏ ଆମ ସ୍ୱାଭିମାନ
ବିଶ୍ୱ ଦରବାରେ ପହଞ୍ଚାଇ ତାକୁ
ବଢ଼ାଇବା ତାର ମାନ ।

*ବିଏଲ-୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଟି୨୦ ମ୍ୟାଚ୍‌ରେ ଚୌକା ଛକା ବର୍ଷା କଲେ ପନ୍ତ

**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ଷ୍ଟାର ୱିକେଟକିପର ରଷଭ ପନ୍ତ କ୍ରିକେଟ ମଇଦାନକୁ ଫେରିଛନ୍ତି ପନ୍ତ। ଲଗାତର ଭାବେ ନିଜର ଫିଟ୍‌ନେସ୍ ସହ ଜଡ଼ିତ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରୁଛନ୍ତି। ଏହି କ୍ରମରେ ତାଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ପନ୍ତ ଏକ ଟି୨୦ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରୁଥିବା ଦେଖାଯାଉଛି। ଡିସେମ୍ବର ୨୦୨୨ର କାର୍ ଦୁର୍ଘଟଣା ପରେ ପନ୍ତ ପ୍ରଥମ ଥର ଲାଗି ଟି୨୦ ମ୍ୟାଚ୍ ଖେଳିଥିଲେ। ବାଙ୍ଗାଲୁରୁସ୍ଥିତ ଏନ୍‌ସିଏରେ ପନ୍ତ ଫିଟ୍‌ନେସ୍ ପାଇବାକୁ କାମ କରୁଛନ୍ତି। ଏଠାରେ ହିଁ ତାଙ୍କର ଫିଟ୍‌ନେସ୍ ଦେବା ଲାଗି ଏକ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଏଥିରେ ପନ୍ତଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଭାଗ ନେଇଥିଲେ। ରିପୋର୍ଟ ମୁତାବକ, ପନ୍ତ ୱିକେଟକିପିଂ କରି ନ ଥିଲେ। ହେଲେ ୨୦ ଓଭର ମ୍ୟାଚ୍‌ରେ ବ୍ୟାଟିଂ ଏବଂ ଫିଲ୍ଡିଂ କରିଥିଲେ। ଏହି ସମୟରେ ତାଙ୍କୁ ଅସହଜ ଅନୁଭବ ହୋଇ ନ ଥିଲା। ସେ ପୂରା ଫିଟ୍ ନଜର ଆସିଥିଲେ। ଏପରିକି ସେ ଜବରଦସ୍ତ ଶଟ୍ ଖେଳିଥିଲେ। ପ୍ରାୟ ଦେଢ଼ ବର୍ଷ ପରେ ପନ୍ତ କୌଣସି ମ୍ୟାଚ୍‌ରେ ଭାଗ ନେଇଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ରହିଥିଲା।



# ଟେଷ୍ଟ ମାନ୍ୟତାରେ ୧୪ଟି ସ୍ଥାନ ଉପରକୁ ଉଠିଲେ ଯଶସ୍ୱୀ ଜୟସ୍ୱାଲ

## ଦିନିକିଆରେ ଟପ୍-୫ରେ ୩ ଭାରତୀୟ



**ନୂଆଦିଲ୍ଲୀ**

ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ମାନ୍ୟତାରେ ବଡ଼ ଲମ୍ଫ ମାରିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଲଗାତାର ଦୁଇଟି ଦ୍ୱିଶତକ ଅର୍ଜନ କରିଥିବା ଜୟସ୍ୱାଲଙ୍କୁ ମାନ୍ୟତାରେ ୧୪ଟି ସ୍ଥାନ ଫାଇଦା ହୋଇଛି। ସେ ଏବେ ୧୫ତମ ସ୍ଥାନକୁ ଉଠିଛନ୍ତି। ଏହା ସହିତ ଦିନିକିଆ ବ୍ୟାଟିଂ ମାନ୍ୟତାରେ ଭାରତୀୟ ବ୍ୟାଟରଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ଟପ୍-୫ରେ ହିଁ ଭାରତ ତିନି ଜଣ ବ୍ୟାଟର ଶୁଭମନ ଗିଲ୍, ବିରାଟ କୋହଲି ଓ ରୋହିତ ଶର୍ମା ରହିଛନ୍ତି।

ମୋଟାମୋଟି ଟେଷ୍ଟ ଓ ଦିନିକିଆ ମାନ୍ୟତାରେ ଭାରତୀୟ ବ୍ୟାଟରଙ୍କୁ ବେଶ୍ ଫାଇଦା ମିଳିଛି। ଜୟସ୍ୱାଲ ଇଂଲଣ୍ଡ ବିପକ୍ଷରେ ବିଶାଖାପଟନମ୍ ଟେଷ୍ଟରେ ୨୦୯ ରନ ଓ ରାଜକୋଟ୍‌ରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ଅପରାଜିତ ୨୧୪ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଏହା ବ୍ୟତୀତ ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଜୟସ୍ୱାଲ ୮୦ ରନର ଇନିଂସ ଖେଳିଥିଲେ। ଦମ୍‌ଦାର ବ୍ୟାଟିଂ ଦମ୍‌ରେ ଜୟସ୍ୱାଲ ୧୪ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି।

ଟେଷ୍ଟ ମାନ୍ୟତାରେ ନ୍ୟୁଜିଲାଣ୍ଡର କେନ ୱିଲିୟମସନ ୮୯୩ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଅଛନ୍ତି। ଷ୍ଟିଭ ସ୍ମିଥ୍(୮୧୮ ପଏଣ୍ଟ) ଦ୍ୱିତୀୟ, ଡାରିଲ ମିଚେଲ୍ (୭୮୦ ପଏଣ୍ଟ) ତୃତୀୟ, ବାବର ଆଜମ(୭୬୮ ପଏଣ୍ଟ) ଚତୁର୍ଥ ଓ ଇଂଲଣ୍ଡର ଜୋ ରୁଟ୍(୭୬୬ ପଏଣ୍ଟ) ପଞ୍ଚମ ସ୍ଥାନରେ ରହିଛନ୍ତି।

ଦିନିକିଆରେ ପାକିସ୍ତାନର ପୂର୍ବତନ ଅଧିନାୟକ ବାବର ଆଜମ ୮୨୪ ପଏଣ୍ଟ ସହ ଶୀର୍ଷରେ ଅଛନ୍ତି। ଭାରତୀୟ ଓପନର ଶୁଭମନ ଗିଲ୍(୮୦୧ ପଏଣ୍ଟ) ଦ୍ୱିତୀୟରେ ଅଛନ୍ତି। ସେହିପରି ବିରାଟ କୋହଲି(୭୬୮ ପଏଣ୍ଟ) ତୃତୀୟ ଓ ରୋହିତ ଶର୍ମା(୭୪୬ ପଏଣ୍ଟ) ଚତୁର୍ଥ ସ୍ଥାନରେ ରହିଛନ୍ତି। ତାଲିକାରେ ଉପରକୁ ଉଠି ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ୭୨୮ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି।

# ନନା ଇଲେଭେନକୁ ହରାଇ ରେବୁଲ ଟାଇଗର ଚାମ୍ପିଅନ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ଦୁଇ ଦିନ ଧରି ବରୀ ବ୍ଲକ୍‌ର ବାରିଂ ଖେଳ ପଡ଼ିଆ ଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ନନା ଇଲେଭେନ (ବୋଇତାଳୁ ପାଟଣା)କୁ ହରାଇ ରେବୁଲ ଟାଇଗର ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ନନା ଇଲେଭେନ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରେବୁଲ ଟାଇଗର ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ପରେ ଏଥିନେଇ ଆୟୋଜିତ ଏକ ସଭାରେ ବାରିଂ ଧାନଧାୟୀ ସତ୍ୟ ସାହିତ୍ୟ ସାଂସ୍କୃତିକ ସଂସଦର ସାଧାରଣ ସଂପାଦକ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳ ରେବୁଲ ଟାଇଗରକୁ ନଗଦ ୫ହଜାର ଟଙ୍କା ଟ୍ରଫି ପ୍ରଦାନ କରିଥିଲେ। ସେହିପରି ନାନା ଇଲେଭେନକୁ ନଗଦ ୩ ହଜାର ଟଙ୍କା ରନର୍ସ କପ ପ୍ରଦାନ କରିଥିଲେ। ତା'ଛଡ଼ା ବେଷ୍ଟ ଭଲେଣ୍ଟିୟର ଭାବେ ବୁଲୁ ମଲିକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କ୍ୟାପଟେନ ରତିକାନ୍ତ ମଲ୍ଲିକ ଏହି ମ୍ୟାଚ୍‌ରେ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ।

# ଲାଲଚନ୍ଦ ରାଜପୁତ ୟୁଏଇ କ୍ରିକେଟ ଦଳର ହେଡ୍ କୋଚ୍ ନିଯୁକ୍ତ

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି ଲାଲଚନ୍ଦ ରାଜପୁତଙ୍କୁ ୟୁଏଇ କ୍ରିକେଟ ଦଳରେ ବଡ଼ ଦାୟିତ୍ୱ ମିଳିଛି। ତାଙ୍କୁ ତିନି ବର୍ଷ ପାଇଁ ୟୁଏଇ ପୁରୁଷ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ(ହେଡ କୋଚ୍) ପଦରେ ନିଯୁକ୍ତ କରାଯାଇଛି। ବୋର୍ଡ ବୁଧବାର ଏହାର ଘୋଷଣା କରିଛି। ରାଜପୁତ ଭାରତକୁ ୨୦୦୭ ଟି-୨୦ ବିଶ୍ୱକପ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହି ସମୟରେ ସେ ଭାରତୀୟ ଦଳର କୋଚ୍ ସହ ଟିମ୍ ମ୍ୟାନେଜର ଥିଲେ। ୬୨ ବର୍ଷୀୟ ରାଜପୁତ ୧୯୮୫ରେ ମୋଟ୍ ୬ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ୨ଟି ଟେଷ୍ଟ ଓ ୪ ଦିନିକିଆ ସାମିଲ୍। ରାଜପୁତ ଆଫଗାନିସ୍ତାନ ଓ ଜିମ୍ବାୱେ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ



କାମ କରି ସାରିଛନ୍ତି। ସେ ଆଫଗାନିସ୍ତାନକୁ ଟେଷ୍ଟ ଦଳର ମାନ୍ୟତା ମିଳିବା ପରେ ୨୦୧୬-୧୭ରେ କୋଚିଂ ଦାୟିତ୍ୱ ସମ୍ଭାଳିଥିଲେ। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଜିମ୍ବାୱେ ଦଳ ସହ କାମ କରିଥିଲେ। ତାଙ୍କ କୋଚିଂ କାଳରେ ଜିମ୍ବାୱେ ୨୦୨୨ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ରାଜପୁତ ଚଳିତ ସପ୍ତାହରୁ ୟୁଏଇ ଦଳରେ ଯୋଗ ଦେବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ୟୁଏଇ ଦଳର ମୁଖ୍ୟ କୋଚ ହେବା ପରେ ଲାଲଚନ୍ଦ ରାଜପୁତ କହିଛନ୍ତି, ମୁଁ ଏହି ରୋମାଞ୍ଚକର ଭୂମିକା ପାଇଁ ୟୁଏଇ ବୋର୍ଡକୁ ଧନ୍ୟବାଦ ଜଣାଉଛି। ୟୁଏଇ ନିକଟ ଅତୀତରେ ଆଇସିସିର ଏକ ଦୃଢ଼ ସହାୟକ ସଦସ୍ୟ ଭାବେ ନିଜକୁ ଗଢ଼ି ପାରିଛି। ଖେଳାଳିମାନେ ଦିନିକିଆ ଓ ଟି-୨୦ ବିଶ୍ୱକପ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ଦଳରେ ଅନେକ ଅସାଧାରଣ ଖେଳାଳି ରହିଛନ୍ତି। ମୁଁ ସେମାନଙ୍କ ସହ କାମ କରି ସେମାନଙ୍କର ପ୍ରତିଭାକୁ ଆହୁରି ବିକଶିତ କରିବାକୁ ଉତ୍ସୁକ ଥିବା ରାଜପୁତ କହିଛନ୍ତି।

# ଡବ୍ଲ୍ୟୁପିଏଲ୍‌ର ଉଦ୍‌ଘାଟନ ଉତ୍ସବରେ ନୃତ୍ୟ ପ୍ରଦର୍ଶନ କରିବେ କାର୍ତ୍ତିକ, ସିଦ୍ଧାର୍ଥ



**ବେଙ୍ଗାଲୁରୁ**

ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ଯାଉଛି। ବେଙ୍ଗାଲୁରୁସ୍ଥିତ ଏମ୍.ଚିନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ପ୍ରଥମ ମ୍ୟାଚ୍ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଓ ସିଦ୍ଧାର୍ଥ ମାଲହୋତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। କାର୍ତ୍ତିକ ଓ ସିଦ୍ଧାର୍ଥଙ୍କ ବ୍ୟତୀତ ଅନ୍ୟ କେତେକ ବଲିଉଡ୍ କଳାକାର ଉଦ୍‌ଘାଟନ ଉତ୍ସବରେ ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଘାଟନ ଉତ୍ସବ ଶେଷ ହେବା ପରେ ଗତଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ଭିଏସ୍‌ଏସ୍‌ନଗର ସର୍ଟ ବାଉଣ୍ଡ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସମ୍ବଲପୁର ଚାମ୍ପିଅନ

**ରେଙ୍ଗାଲି କ୍ୟାମ୍ପ**

ବରଗଡ଼ ଜିଲ୍ଲା ଅତାବିରା ଏନ୍‌ଏସି ୨ ନମ୍ବର ୱାର୍ଡର ଭିଏସ୍‌ଏସ୍ ନଗରଠାରେ ୨ଦିନ ଧରି ଚାଲିଥିବା ଷଷ୍ଠ ସର୍ଟ ବାଉଣ୍ଡ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ଫାଇନାଲ ମ୍ୟାଚ୍ ଷ୍ଟେପ୍‌ଅପ୍ ସମ୍ବଲପୁର ଓ ଏଆରଏସ ଅତାବିରା ସହିତ ହୋଇଥିବା ବେଳେ ସମ୍ବଲପୁର ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ତାଣ୍ଡି, ମଣ୍ଟୁ ପଣ୍ଡା, ଏନଏସି ସଭାପତି ଟଙ୍କ ଦାସ, କାଉନସିଲର ଶିବାନନ୍ଦ ତ୍ରିପାଠୀ, ଆଇନଜୀବୀ ଉନ୍ନି ନାୟାର, କ୍ଷିରୋଜ ନାଏକ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ରାତିରେ ୮ଟି ମ୍ୟାଚ୍ ଅନୁଷ୍ଠିତ ହେଉଥିବା ବେଳେ ଶେଷ ରାତିରେ ମଧ୍ୟ ଆଠଟି ମ୍ୟାଚ୍ ଖେଳ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଟିପିଡବ୍ଲ୍ୟୁଓଡିଏଲ ଅତାବିରା ଓ ଭୋଇପୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଦଳ ତଥା ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ସମ୍ମାନିତ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭିଏସ୍‌ଏସ୍ ନଗର କ୍ରିକେଟ ଆସୋସିଏସନ ତଥା ଅବିନାଶ ବାରିକ, ବିକାଶ ବାରିକ, ରାମ, ସନ୍ଦୀପ, ଧୀରଜ ନାଏକ, ଶିବାନନ୍ଦ ତ୍ରିପାଠୀ, ବିସ୍ମୟ ନାଏକ, ସମୟ ନାଏକ, ଲକ୍ଷ୍ମୀକାନ୍ତ ସାହୁ, ମାନସ, ଅକ୍ଷୟ ମହାରଣାଙ୍କ ସହିତ ସେଠାକାର ସମସ୍ତ କ୍ରିକେଟପ୍ରେମୀ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ସହଯୋଗ କରିଛନ୍ତି।

# ଜିଲ୍ଲାସ୍ତରୀୟ ବାଳିକା ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ଅନୁଷ୍ଠିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ବାରବାଟୀ ଷ୍ଟାଡିୟମ ସ୍ଥିତ କବାଡ଼ି ଗ୍ରାଉଣ୍ଡଠାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧିନରେ ବାଳିକାଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାଳିକାମାନଙ୍କ ମଧ୍ୟରେ କ୍ରୀଡ଼ା ଦକ୍ଷତାର ବିକାଶ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। କଟକ ଜିଲ୍ଲାର କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କବାଡି ମ୍ୟାଚରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ କମିଟିର ସଦସ୍ୟ ହରିହର ନାୟକ ଓ ଅନସୂୟା ମହାନ୍ତି, ଏବଂ ଜିଲ୍ଲା ଶିଶୁ ମଙ୍ଗଳ ଓ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏଥିରେ ୧୦ଟି ସ୍କୁଲର ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତାରେ କାଜିବଜାର ଗାର୍ଲସ ହାଇସ୍କୁଲ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ସୟଦ ସେମିନାରୀ ସ୍କୁଲ ଦ୍ୱିତୀୟ ସ୍ଥାନ ଓ ମ୍ୟୁନିସିପାଲିଟି ହାଇସ୍କୁଲ ବିଡାନାସୀ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ଅରିଜିତ ଜେନା ମିଷ୍ଟର୍ ଓଡ଼ିଶା




**ବ୍ରହ୍ମପୁର**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ୨୦ତମ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀର ଅରିଜିତ ଜେନା ଶ୍ରେଷ୍ଠ ବିବେଚିତ ହୋଇ ଚଳିତବର୍ଷର ମିଷ୍ଟର୍ ଓଡ଼ିଶା ସମ୍ମାନ ଲାଭ କରିଛନ୍ତି। ସେ ୯୦କେଜି ବର୍ଗରେ ଅଂଶଗ୍ରହଣ କରି ପ୍ରଥମସ୍ଥାନ ହାସଲ କରିଥିଲେ। ନବରଙ୍ଗପୁରର ଶଶାଙ୍କ ଶେଖର ସାହୁ ପ୍ରଥମ ଉପବିଜେତା ସହ ମୋଷ୍ଟ ଇମ୍ପ୍ରୁଭଡ ବଡ଼ି ବିଲ୍ଡର ସମ୍ମାନ ଲାଭ କରିଛନ୍ତି। ସେ ୭୦କେଜି ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଗଞ୍ଜାମର ଜିତେନ୍ଦ୍ର କୁମାର ପଲେଇ ଦ୍ୱିତୀୟ ଉପବିଜେତା ହେବା ସହ ବେଷ୍ଟ ପୋଜର୍ ସମ୍ମାନ ଲାଭ କରିଥିଲେ। ସେ ୮୦କେଜି ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ।

ପୁରୁଷ ବର୍ଗର ୧୬୫ ସେମିରୁ ଉର୍ଦ୍ଧ୍ୱ ଫିଟ୍‌ନେସ୍ (ସ୍ପୋର୍ଟ୍ସ ଫିଜିକ୍)ରେ ପୁରୀର ନରହରି ସାହୁ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଭୁବନେଶ୍ୱରର ଜିତେନ୍ଦ୍ର ବାରିକ ଏବଂ ସନ୍ତୋଷ କୁମାର ଶତପଥୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୧୬୫ ସେମିରୁ କମ୍ ବର୍ଗରେ ଜଗତସିଂପୁରର ନାରାୟଣ ବିଷୋୟୀ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ପୁରୀର ସାତ୍ତ୍ୱିକ ପଟ୍ଟନାୟକ ଏବଂ ରଘୁନାଥ ମହାପାତ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳାବର୍ଗ ଫିଟ୍‌ନେସ୍ (ସ୍ପୋର୍ଟ୍ସ ଫିଜିକ୍)ରେ ଗଞ୍ଜାମର ଶୁଭଶ୍ରୀ ସାହୁ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଅନୁପମା ସ୍ୱାଇଁ ତୃତୀୟ ଏବଂ ଜଗତସିଂପୁରର ପ୍ରଜାକ୍ତା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତାମାସ ୧୬-୧୭ତାରିଖ ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ହେବାକୁ ଥିବା ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଗଞ୍ଜାମ ଜିଲ୍ଲା ଆମେଚର ବଡିବିଲ୍ଡିଂ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଏସ୍. ରାଜେଶ ବାବୁ ଆଚାରୀ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ବିଚାରକ ଭି. ବେଣୁଗୋପାଳ ରାଓଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜକ ଗଞ୍ଜାମ ଜିଲ୍ଲା ବଡିବିଲ୍ଡିଂ ଆସୋସିଏସନ୍‌ର ପୃଷ୍ଠପୋଷକ ପ୍ରଦୀପ କୁମାର ଶତପଥୀ, ବିଚାରକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସୋମନାଥ ନନ୍ଦ, ଏସ୍ ସନ୍ତୋଷ କୁମାର ଆଚାରୀ, ଜଗନ୍ନାଥ ପ୍ରସାଦ ସାହୁ, ଅନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀ, ନାରାୟଣ ସାହୁ, ରାଜ୍ୟ ବଡିବିଲ୍ଡିଂ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ଯୁଗ୍ମସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, କୋଷାଧ୍ୟକ୍ଷ ତରୁଣ କୁମାର ଚାଟାର୍ଜି, ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ.ଚିତ୍ତରଂଜନ ସ୍ୱାଇଁ ଉପସ୍ଥିତ ରହି ପରିଚାଳନା କରିଥିଲେ।

Notice No. 812 Date: 17.02.2024 E-860

ଭାରତୀୟ ସ୍ୱାସ୍ଥ୍ୟ ମିଶନ

TENDER CALL NOTICE FOR SUPPLY OF DRUGS & MEDICAL CONSUMABLES

Sealed tenders are invited from different bidders having valid GST registration & Drug License for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.nic.in, which may be downloaded for reference. Interested parties may submit their offers in sealed covers super-scribing as 'Tender for supply of Drugs & Medical Consumables in reference to Advertisement No.810 dt. 17.02.2024" to the undersigned through registered post/speed post only, which should reach on or before 5.00 P.M. of dt.18.03.2024 positively and will be opened on next day at 11.00 ' AM by District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay / omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/- CDM & PHO-cum-District Mission Director, Dhenkanal

OIPR-10059/11/0020/2324

GOVERNMENT OF ODISHA
OFFICE OF THE EXECUTIVE ENGINEER,
RURAL WORKS DIVISION, DEOGARH.
O-2575
E-mail Id – eerw_deogarh@yahoo.co.in
E-Procurement Notice
BID.IDENTIFICATION NO. SERWDGH-Online- 16/2023-24

1. No of building works :- ( 03 Nos )
2. Estimated cost:- Rs.1.64 Lakhs to Rs.2.60 lakh
3. Mode of submission of tender:-Tender shall be submitted online in www.tendersodisha.gov.in
4. Availability of tender for online bidding:–21.02.2024, 10.00 A.M to 26.02.2024 up to 5.00 P.M
5. Date and time of opening of tender: –27.02.2024, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer
R.W. Division, Deogarh
OIPR-25087/11/0029/2324

E-Mail:rw.kamakhyanagar@yahoo.co.in
Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar
O-2584
e-procurement Notice No 23 Road Work / 2023-24.

1. Name of the work : Road Works
2. Total No. of Works : 5 (Five) Nos
3. Tender Cost : Rs.8.47 to 42.37 lakhs (approx.)
4. Class Contractor : "D","C" & B Class
5. Period of Completion : 30 days
6. Availability of Tender online for bidding : 19.02.2024 at 11.00 A.M to 24.02.2024 up to 5.00 P.M
7. Last Date & Time of seeking tender clarification : 23.02.2024. upto 4.00 PM
8. Date & Time of opening of tender: 24.02.2024 at 5.30. P.M

Other Details can be seen from the website http://tendersorissa.gov.in.

Sd/- Executive Engineer
R.W. Division-II, Dhenkanal.
Kamakhyanagar
OIPR-25094/11/0029/2324

By E_Mail/e-Despatch
E_Mail ID : serw_balasore@yahoo.in
Ph-No-06782/260318
Balia,Balasore

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
"e" Procurement Notice for Building Work
O-2563
Identification No.- Online Tender- Building NCB No. 82 of 2023-24
Letter No. 263 /WE Date. 16.02.2024

1. Name of the work :- Building works.
2. Total No. of work :- As per annexure
3. Estimated Cost :- As per annexure
4. Eligible Class of Contractor :- As per annexure
5. Period of Completion :- As per annexure)
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E..R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.- 82 of 2023-24 | 21.02.2024 at 11.00 A.M | 28.02.2024 up to 5.00 P.M. | 28.02.2024 up to 1.00 P.M. | 29.02.2024 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in

S/d- Er.N.V.Harihar Rao
Chief Construction Engineer,
R.W. Circle, Balasore.
OIPR-25105/11/0106/2324

# ୨୮ରୁ ମହାମହିମା ରାଷ୍ଟ୍ରପତିଙ୍କ ୪ଦିନିଆ ଓଡ଼ିଶା ଗସ୍ତ

**ରାଇରଙ୍ଗପୁର**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୮ ତାରିଖ ଠାରୁ ୪ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏନେଇ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସହାୟକ ସୁରଥ କୁମାର ମହାନ୍ତ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି। ମହାମହିମ୍ ୨୮ ଫେବୃୟାରୀରେ ନୂଆଦିଲ୍ଲୀରୁ ଏକ ସତନ୍ତ୍ର ବିମାନ ଯୋଗେ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ପହଞ୍ଚିବେ ଓ ସେଠାରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେଠାରୁ ସେ ବାୟୁସେନାର ହେଲିକେପ୍ଟର ଯୋଗେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପହଞ୍ଚି ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବେ। ରାଇରଙ୍ଗପୁର ନିକଟସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱରେ ହୋଲିଡ଼େ ହୋମର ଭୂମିପୂଜା କରିବେ। ପରେ କଣ୍ଡାବଣୀ ଗ୍ରାମ ନିକଟରେ ଉପଖଣ୍ଡରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପାଇଁ କ୍ରୀଡ଼ା ପରିସର ଓ ଅନୁସୂଚିତ ଜାତି ଓ ଜନଜାତି କେନ୍ଦ୍ର (ଆଦିବାସୀ ସଂଗ୍ରହାଳୟ) ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପରଦିନ ଅର୍ଥାତ୍ ୨୯ ଫେବୃୟାରୀରେ ମୟୂରଭଞ୍ଜ ଜିଲ୍ଲାର ଖିଚିଂସ୍ଥିତ ଥିବା ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ଖିଚିଂ ମନ୍ଦିର ପରିସରରେ ଦିବା ୧୦ ଟା ୧୦ରୁ ୧୦ଟା ୪୦ ପର୍ଯ୍ୟନ୍ତ ରହିବେ। ଖିଚିଂ ମନ୍ଦିର ପରିଦର୍ଶନ ପରେ କେନ୍ଦୁଝର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତା ପରଦିନ ଅର୍ଥାତ୍ ୧ ମାର୍ଚ୍ଚରେ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ୨ ମାର୍ଚ୍ଚରେ ବ୍ରହ୍ମପୁର ଜିଲ୍ଲା ଗସ୍ତ କରିବେ ବୋଲି ସୂଚନା ମିଳିଛି।

# ଆଜିଠୁ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ଜୋରନ୍ଦା ମେଳା

**ଢେଙ୍କାନାଳ**

ଗୁରୁବାରଠୁ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ଜୋରନ୍ଦା ମାଘ ମେଳା। ଚଳଚଞ୍ଚଳ ହୋଇଉଠିଛି ମହିମା ଧର୍ମର ମୁଖ୍ୟ ପୀଠ। ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ମେଳା ଅନୁଷ୍ଠିତ ହୋଇଥାଏ। ଆସନ୍ତା ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ପାଳିତ ହେବ ଏହି ମେଳା। ମହିମା ଧର୍ମର ପରମ୍ପରା ମୁତାବକ ଚଳିତ ବର୍ଷ ସେମାନଙ୍କର ୧୫୧ତମ ବାର୍ଷିକ ଉତ୍ସବ ପାଳିବେ ମାହିମା ସାଧୁ। ମହିମା ସାଧୁଙ୍କ ମନ୍ତ୍ରରେ ପ୍ରକମ୍ପିତ ହେବ ମହିମା ପୀଠ। ବିଭିନ୍ନ ନୀତିକାନ୍ତିର ସହିତ ଗାଦୀ ମନ୍ଦିର ପରିସରର ଚାରିଦ୍ୱାରରେ ଅଖଣ୍ଡ ଧୁନୀ ଜାଳିବେ ମହିମା ସାଧୁ। ସାରାବିଶ୍ୱର କଲ୍ୟାଣ ନିମନ୍ତେ ଦୁଇ ଦିନ ଧରି ଜାଳିବ ବିଶାଳକାୟ ଝାଡ଼ବତୀ। ବ୍ୟବସାୟକୁ ଦୃଷ୍ଟିରେ ରଖି ବିଭିନ୍ନ କିସମର ଦୋକାନୀମାନେ ବ୍ୟବସାୟର ପସରା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ମେଳାରେ ଦର୍ଶକମାନଙ୍କର ମନୋରଞ୍ଜନ ପାଇଁ ଯାତ୍ରା, ମୀନା ବଜାର ଓ ବିଭିନ୍ନ ଦୋଳି ଆଦି ପ୍ରସ୍ତୁତି ମେଳାକୁ ଆହୁରି ସରଗରମ କରିବ। ଏହି ଯୋରନ୍ଦା ମେଳାରେ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେପଟେ ଟ୍ରାଫିକ୍ ପରିଚାଳନା, ସ୍ୱାସ୍ଥ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ଆଦି ପ୍ରସ୍ତୁତି ଚାଲିଛି।

# ବାମଶୀ କୃଷ୍ଣ ଗୋଟିଏ ଓଭରରେ ମାରିଲେ ୬ ଛକା



**ନୂଆଦିଲ୍ଲୀ**

ଭାରତୀୟ ଘରୋଇ କ୍ରିକେଟ୍‌ରେ ସଂପ୍ରତି ୨୩ ବର୍ଷରୁ କମ୍ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି ଖେଳାଯାଉଛି। ଟୁର୍ଣ୍ଣାମେଣ୍ଟରେ ଆନ୍ଧ୍ର ପ୍ରଦେଶର ବ୍ୟାଟର ବାମଶୀ କୃଷ୍ଣ ନିଜର ଦମ୍‌ଦାର ବ୍ୟାଟିଂରେ ସଭିଙ୍କୁ ଚକିତ କରିବା ସହ ଧ୍ୟାନ ଆକର୍ଷଣ କରିଛନ୍ତି। ୨୨ ବର୍ଷର ଏହି ଯୁବ ବ୍ୟାଟର ଟେଷ୍ଟ କ୍ରିକେଟ ଫର୍ମାଟ୍‌ରେ ଖେଳାଯାଉଥିବା ସି.କେ. ନାଇଡୁ ଟ୍ରଫିରେ ଟି-୨୦ ଶୈଳୀରେ ବ୍ୟାଟିଂ ଗୋଟିଏ ଓଭରରେ ୬ଟି ଛକା ମାରିଛନ୍ତି। ବାମଶୀଙ୍କ ଏହି ଧୂଆଁଧାର ବ୍ୟାଟିଂର ଭିଡିଓକୁ ଖୋଦ୍ ବିସିସିଆଇ ଜାରି କରିଛି, ଯାହା ସାମାଜିକ ଗଣମାଧ୍ୟମରେ ଦ୍ରୁତ ବେଗରେ ଭାଇରାଲ ହେବାରେ ଲାଗିଛି। ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରେ ଆନ୍ଧ୍ର ପ୍ରଦେଶ ଓ ରେଲୱେ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶର ଓପନର ବାମଶୀ କୃଷ୍ଣ ରେଲୱେର ସ୍ପିନର ଦମନଦୀପ ସିଂଙ୍କ ଗୋଟିଏ ଓଭରରେ ଲଗାତାର ୬ଟି ଛକା ମାରିଛନ୍ତି। ବାମଶୀ ମାତ୍ର ୬୪ ବଲ୍‌ରୁ ୧୧୦ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳିଛନ୍ତି। ତାଙ୍କ ଶତକ ଦମ୍‌ରେ ଆନ୍ଧ୍ର ପ୍ରଦେଶ ଦଳ ପ୍ରଥମ ଇନିଂସରେ ୩୭୮ ରନ କରିଛି। ବାମଶୀ କୃଷ୍ଣ ଏବେ ରବି ଶାସ୍ତ୍ରୀ(୧୯୮୫), ଯୁବରାଜ ସିଂ(୨୦୦୭) ଓ ଋତୁରାଜ ଗାଏକ୍ୱାଡ଼(୨୦୨୨)ର କ୍ଲବରେ ସାମିଲ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସ ୩୭୮ ରନ ଜବାବରେ ରେଲୱେ ମଧ୍ୟ ନିଜର ଦମ୍ ଦେଖାଇଛି। ଦଳ ୯ ୱିକେଟ ହରାଇ ୮୬୫ ରନର ପାହାଡ଼ ଛିଡ଼ା କରିବା ସହ ୪୮୭ ରନର ଅଗ୍ରଣୀ ହାସଲ କରିଛି। ଦଳ ପକ୍ଷରୁ ଓପନର ଅଂଶ ଯାଦବ ୨୬୮ ରନ, ରବି ସିଂ ୨୫୮ ରନ ଓ ଅଞ୍ଚିତ ଯାଦବ ୧୩୩ ରନର ଚିତ୍ତାକର୍ଷକ ଇନିଂସ ଖେଳିଛନ୍ତି।

BHUBANESWAR MUNICIPAL CORPORATION
e- Procurement Notice
eMail:ee2@bmc.gov.in
C-3106

1. Bid Reference No. : BMC-DIV-II-29/2023-24 Dt 17-02-24
2. Tender Call Notice No : 8907 Dtd 17.02.24
3. No of Work : 1 Nos
4. Bid Value : Rs. 54,02,508.00
5. Period of Completion : 90 days

Critical Dates :

| Sl.No. | Description | Critical Dates |
|---|---|---|
| (i) | Period of availability of tenders on-line for bidding | From Dt.20:2:24 from 11.00 AM to Dt 29.02.24 up to 5.00 PM |
| (ii) | Last date & time of seeking clarifications (if any) | Dt.26.02.2024 up to 5.00 PM |
| (iii) | Last date & time of bidding on-line | Dt 29.02.2024 up to 5.00 PM |
| (iv) | Date & time of opening of the Technical Blds received on-line | Dt 01.03.2024 (11.30am onward) |
| (v) | Date & time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received on- line. |

6. Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Sd/- Executive Engineer, II
Bhubaneswar Municipal Corporation
OIPR-13002/11/0283/2324





# ବରଦାନ ସାଜିଲା ବିଏସ୍‌କେୱାଇ : ନୂଆ ଜୀବନ ପାଇଲେ ବିଚିତ୍ର

**ଯାଜପୁର, ୨୦/୨ ନ୍ୟୁଜ ବ୍ୟୁରୋ**

ବରଦାନ ସାଜିଲା ବିଏସ୍‌କେୱାଇ। ନୂଆ ଜୀବନ ପାଇଲେ ଯାଜପୁରର ବିଚିତ୍ର ବଳ । ଦୀର୍ଘ ଦିନ ଧରି ମୂତ୍ରାଶୟ ସଂକ୍ରମଣ ଜନିତ ରୋଗରେ ପୀଡିତ ଥିଲେ ବିଚିତ୍ର। ବିଏସ୍‌କେୱାଇ କାର୍ଡ ଜରିଆରେ ମାଗଣା ଅସ୍ତ୍ରୋପଚାର ପରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ଏନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ପରିବାର ଲୋକେ । ଲାଇଫ ଲାଇନ ସାଜିଛି ବିଏସକେୱାଇ କାର୍ଡ । ମାଗାଣାରେ ଚିକିତ୍ସା ପାଇ ସୁସ୍ଥ ହୋଇଛନ୍ତି ଯାଜପୁର ଜିଲ୍ଲା ସୋଲେଇ ଗାଁର ବିଚିତ୍ର ବଳ । ଦୀର୍ଘ ଦିନ ଧରି ମୂତ୍ରାଶୟ ସଂକ୍ରମଣ ଜନିତ ରୋଗରେ ପୀଡିତ ଥିଲେ । ଦିନକୁ ଦିନ ଯନ୍ତ୍ରଣା ବଢ଼ିବା ସହ ଜୀବନ ମରଣ ସହ ସଂଗ୍ରାମ କରୁଥିଲେ । ଚିକିତ୍ସା ପାଇଁ



ଅର୍ଥ ସାଜିଥିଲା ବାଧକ । ତେବେ ବିଏସକେୱାଇ କାର୍ଡ଼ ଜରିଆରେ ରୋଗର ଅସ୍ତ୍ରୋପଚାର ହୋଇପାରିବ ବୋଲି ଜାଣିବା ପରେ ସେ ଗତ ଜାନୁଆରୀ ମାସରେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ବିଚିତ୍ରଙ୍କର ଅସ୍ତ୍ରୋପଚାର ହୋଇଥିଲା । ଅସ୍ତ୍ରୋପଚାର ପରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ରୋଗରେ ଆକ୍ରାନ୍ତ ହୋଇ ବିଚିତ୍ର ଘରେ ପଡ଼ିଥିବା ବେଳେ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ଓଳିଏ ଖାଇଲେ ଓଳିଏ ଉପାସ ରହୁଥିଲା ପୂରା ପରିବାର। ତେବେ ଏହି ପରିବାର ପାଇଁ ବରଦାନ ସାଜିଥିଲା ରାଜ୍ୟ ସରକାରଙ୍କ ବିଏସକେୱାଇ କାର୍ଡ। ରାଜ୍ୟ ସରକାର ବିଚିତ୍ରଙ୍କ ଚିକିତ୍ସା ଓ ଔଷଧ ପାଇଁ ସମସ୍ତ ଅର୍ଥ ବହନ କରିଥିଲେ। ବର୍ତ୍ତମାନ ବିଚିତ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସ୍ୱାଭାବିକ ଜୀବନ ଯାପନ କରୁଛନ୍ତି।

# ବାରବାଟୀ ଷ୍ଟାଡିୟମ ପ୍ରକଳ୍ପର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

**କଟକ, ୨୧/୨ ନ୍ୟୁଜ ବ୍ୟୁରୋ**

ଆଗାମୀ ତିନି ବର୍ଷ ମଧ୍ୟରେ ବିଶ୍ୱସ୍ତରୀୟ କ୍ରିକେଟ ଷ୍ଟାଡିୟମର ମାନ୍ୟତା ପାଇବ ଐତିହାସିକ ବାରବାଟୀ ଷ୍ଟାଡିୟମ । ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ବୁଲି ନୂଆ ପ୍ରକଳ୍ପର ବ୍ଲୁପ୍ରିଣ୍ଟ ଦେଖିଥିଲେ। ଏଥି ସହିତ ପିଚ, ଗ୍ରାଉଣ୍ଡ, ଗ୍ୟାଲେରୀର ସ୍ଥିତି ଅନୁଧ୍ୟାନ କରିଥିଲେ। ସାଥିରେ ବିଜେଡିର ସାଂଗଠନିକ ସଂପାଦକ ତଥା ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ଓସିଏ ସମ୍ପାଦକ ସଂଜୟ ବେହେରା, କ୍ରୀଡା ସଚିବ ଭିନିଲ କ୍ରୀଷ୍ଣା ଷ୍ଟାଡିୟମ ବୁଲି ଦେଖିଥିଲେ। ପିଚ୍ ଉପରେ ପାଣ୍ଡିଆନ ରଣଜୀ ଖେଳାଳି ଓ ଗ୍ରାଉଣ୍ଡ ଷ୍ଟାଫଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ କରିବେ। ପରେ





ତିନି ବର୍ଷ ମଧ୍ୟରେ ଷ୍ଟାଡିୟମ କାମ ଶେଷ ହେବ । ନବୀକରଣ ପ୍ରକଳ୍ପ ଅଧିନରେ ବାରବାଟୀର ପୁରୁଣା ଗ୍ୟାଲେରୀ ସବୁ ଭଙ୍ଗା ହୋଇ ନୂଆ ହେବ। ପରେ ପୁରା ଷ୍ଟାଡିୟମରେ ଦର୍ଶକ ପାଇଁ ୬୦ ହଜାର ନୂଆ ଚେୟାର ଲାଗିବ। ଏଥି ସହିତ ପଡିଆ ଭିତରର ସୌନ୍ଦର୍ଯ୍ୟକରଣ ହେବ। ଏଥି ସହିତ ଡ୍ରେସିଂ ରୁମ୍, ଜିମ୍, ସୁଇମିଂ ପୁଲ, ଇଣ୍ଡୋର ଗେମ୍‌ର ବ୍ୟବସ୍ଥା ହେବ। ଏଥି ସହିତ ଷ୍ଟାଡିୟମ ବାହାରର ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ଖେଳର ଭିତ୍ତିଭୂମି ବିକାଶ କରାଯିବ। ଷ୍ଟାଡିୟମର ନବୀକରଣ ପ୍ରକଳ୍ପ ନେଇ ଖୁସି ପ୍ରକଟ କରିଛନ୍ତି କ୍ରୀଡା ସଂଗଠକ।






# ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ : ଦକ୍ଷତା ବିକାଶ, ତାଲିମ ଓ ନିଯୁକ୍ତି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୧/୨ ନ୍ୟୁଜ ବ୍ୟୁରୋ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୃଷ୍ଟିବାଧିତମାନଙ୍କ ସଶକ୍ତିକରଣକୁ ଦୃଷ୍ଟିରେ ରଖି ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ଦକ୍ଷତା ବିକାଶ, ତାଲିମ ଓ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏକ ତ୍ରିପାକ୍ଷିକ ବୁଝାମଣାରେ ପହଞ୍ଚିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଦିଲ୍ଲୀ ଆଇଆଇଟି ଅଧିନସ୍ଥ ଆସିସ୍ଟେକ୍ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ 'ସକ୍ଷମ' । ଆସିସ୍ଟେକ୍ ଓ ସକ୍ଷମ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଜୀବନଜୀବିକା ଓ ସ୍ୱାଧୀନ ଜୀବନଧାରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବ। ଏହି ଦୁଇ ସଂସ୍ଥା ଦୃଷ୍ଟିବାଧିତଙ୍କ ପାଇଁ ଥିବା ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କୁ ମଧ୍ୟ ତାଲିମ ଦେବେ । ବୁଝାମଣା ଅନୁସାରେ ତିନି ବର୍ଷ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ବିଭାଗ ଅଧିନସ୍ଥ ୬ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ କାର୍ଯ୍ୟ ଆରମ୍ଭ ହେବ । ପରେ



ଏହାକୁ ସଂପ୍ରସାରିତ କରାଯିବ । ଭିନ୍ନକ୍ଷମମାନଙ୍କ ପାଇଁ ନଲେଜ୍ ପାର୍ଟନର ଭାବରେ ଏହି ସଂସ୍ଥାଦ୍ୱୟ କାର୍ଯ୍ୟକରିବେ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ବୁଝାମଣା ପତ୍ରଟି ବିଭାଗ ଓ ଭାରତୀୟ ବିଦ୍ୟା ଭବନର ଭୁବନେଶ୍ୱର ଶାଖା ମଧ୍ୟରେ ସଂପାଦିତ ହୋଇଛି । ତିନିବର୍ଷ ପାଇଁ ବଳବତ୍ତର ରହିବାକୁ ଥିବା ଏହି ବୁଝାମଣାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା ଓ ସେମାନଙ୍କ ଦକ୍ଷତା ବିକାଶରେ ସହାୟତା ଯୋଗାଇଦେବା ପାଇଁ ଭବନ କାର୍ଯ୍ୟ କରିବ। ଭିନ୍ନକ୍ଷମଙ୍କୁ ବିଭିନ୍ନ ଦାପ୍ତରିକ, ପର୍ଯ୍ୟଟନ ଓ ପରିଚର୍ଯ୍ୟା କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ସୁଯୋଗ ସୃଷ୍ଟି କରାଯିବା ଉପରେ ଭବନ ଗୁରୁତ୍ୱ ଦେବ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ ଏପରି ବୁଝାମଣା ବଳରେ ଭିନ୍ନକ୍ଷମମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ମୁକାବିଲା କରାଯାଇପାରିବ। ଦକ୍ଷତା ବିକାଶ ବଳରେ ଭିନ୍ନକ୍ଷମମାନଙ୍କୁ ସାମାଜିକ ସ୍ରୋତରେ ଅଂଶୀଦାର ହେବା ପାଇଁ ସଶକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି। ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଉଭୟ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିବା ବେଳେ ପ୍ରଥମଟିରେ ପ୍ରଫେସର ମଧୁସୂଦନ ରାଓ ଓ ଦୀପେନ୍ଦ୍ର ମାନୋଚା ସ୍ୱାକ୍ଷର କରିଥିଲେ। ଭାରତୀୟ ବିଦ୍ୟା ଭବନ ସହିତ ହୋଇଥିବା ବୁଝାମଣାପତ୍ରରେ ଭବନ ପକ୍ଷରୁ ବରିଷ୍ଠ ନିର୍ଦ୍ଦେଶକ ପ୍ରଫେସର ଆର. ଏନ୍. ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ କଣ୍ଟ୍ରୋଲ ପ୍ରକାଶ ପାଣି ସ୍ୱାକ୍ଷର କରିଥିଲେ । ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ଅବସରରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

(ଫଟୋ : ସମ୍ବାଦ କଳିକା)


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ଭୁବନେଶ୍ୱର : ରାମ ମନ୍ଦିର ପରିସରରେ ଯଶସ୍ୱୀ ସାରସ୍ୱତ ସାଧକ ସାତକଡ଼ି ହୋତାଙ୍କ ଏକାଦଶାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ବହୁ ଜ୍ଞାନୀ, ଗୁଣୀ, ଉଚ୍ଚପଦାଧୀକାରୀ ଏବଂ ବିଶିଷ୍ଟ ସାହିତ୍ୟିକ ବୃନ୍ଦ। ଏମାନଙ୍କ ମଧ୍ୟରେ ରହିଛନ୍ତି ସାଂସଦ ଡ. ଅଚ୍ୟୁତ ସାମନ୍ତ, ଡାକ୍ତର ଅଶୋକ ମହାପାତ୍ର, ତରୁଣକାନ୍ତି ମିଶ୍ର, ଶାନ୍ତାନୁ ଆଚାର୍ଯ୍ୟ, ଅର୍ଚ୍ଚନା ନାୟକ, ଶକୁନ୍ତଳା ବଳିୟାରସିଂ, ରମାକାନ୍ତ ରଥ, ପ୍ରବୀଣା ମହାନ୍ତି, ଦୁର୍ଗା ଷଡ଼ଙ୍ଗୀ, ପୀତବାସ ରାଉତରାୟ, ଅଶ୍ୱିନୀ ମିଶ୍ର, ବନୋଜ ଦେବୀ, ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଇତି ସାମନ୍ତ, ସସ୍ମିତା ଦାସ, ଭାସ୍କର ଜେନା, ଦେବପ୍ରସାଦ ଦାସ, ଶରତ ରଥ, ରେଣୁକା ମିଶ୍ର, ଦାସ ବେନହୁର, ନିରାକାର ଦାସ, ଉପେନ୍ଦ୍ର ନାୟକ, କୁସୁମ ପଟେଲ, ମିନାକ୍ଷୀ ରାଉତରାୟ ଏବଂ ଆହୁରି ଅନେକ ବିଶିଷ୍ଟ ବ୍ୟକ୍ତି। (ଫଟୋ : ସମ୍ବାଦ କଳିକା)

# ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବ

**ଭୁବନେଶ୍ୱର, ୨୧/୨ ନ୍ୟୁଜ ବ୍ୟୁରୋ**

ବଢ଼ୁଛି ବିଜେଡିର ଲୋକପ୍ରିୟତା । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ କରୁଛି ଅନୁପ୍ରାଣିତ। ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବ । ବିଜେଡିରେ ସାମିଲ ହେଲେ ବଲାଙ୍ଗୀର ଜିଲ୍ଲାର ବୈଶାଖୁ ଗଡ଼ତ୍ୟା, ତୁଷାରକାନ୍ତ ଗଡ଼ତ୍ୟା, ରୋଷନ କୁମାର ପ୍ରଧାନ, ସୁଶୀଲ କୁମାର ବାଗ, ଗଙ୍ଗାଧର ମାଝୀ ଏବଂ ଜନ୍ମଜେୟ ଶତପଥୀ । ଏମାନେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବାବଳେ ବଲାଙ୍ଗୀରରେ ଆହୁରି ଦଳ ଅଧିକ ସୁଦୃଢ଼ ହେବ । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ।








# ସର୍ବାଧିକ ପାସ୍‌ପୋର୍ଟ କରିଛନ୍ତି ମିଶନ ଶକ୍ତି ମହିଳା



**ଭୁବନେଶ୍ୱର, ୨୧/୨ ନ୍ୟୁଜ ବ୍ୟୁରୋ**

ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱଠାରେ ଆୟୋଜିତ ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ ଉଦଯାପିତ ହୋଇଛି। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଅଭିଭାଷଣ ରଖିଛନ୍ତି ମିଶନ ଶକ୍ତି ସଚିବ ସୁଜାତା ରାଉତ କାର୍ତ୍ତିକେୟନ। ମିଶନ ଶକ୍ତି କିପରି ମହିଳାଙ୍କୁ ଉଦ୍‌ଯୋଗୀ କରିବା ସହ ମାଆଙ୍କୁ ପରିଚୟ ପ୍ରଦାନ କରିଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ ସୁଜାତା । ଚଳିତ ବର୍ଷ ସର୍ବାଧିକ ପାସପୋର୍ଟ କରିଛନ୍ତି ମିଶନ ଶକ୍ତି ମହିଳା । ରାଜ୍ୟର ବିକାଶରେ ମିଶନ ଶକ୍ତି ମହିଳା ପାର୍ଟନର ହୋଇପାରିଛନ୍ତି । ମିଶନ ଶକ୍ତି ଯୋଗୁଁ ମହିଳାଙ୍କ ଜୀବନରେ ଆସିଛି ପରିବର୍ତ୍ତନ । ମହିଳାଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର । ଓଡ଼ିଶାର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁରୁଦାୟିତ୍ୱ ତୁଲାଉଛନ୍ତି ବୋଲି କହିଛନ୍ତି ସୁଜାତା ।

# ଚଳନ୍ତା କାର୍‌କୁ ଗୁଳିକରି ଲୁଟ୍ ଘଟଣା: ୬ ଡ଼କାୟତ ଗିରଫ

**କେନ୍ଦୁଝର , ୨୧/୨ ନ୍ୟୁଜ**

ଜାତୀୟ ରାଜପଥ ୪୯ର ଖିରେଇଟାଙ୍ଗିରି ଠାରେ ଚଳନ୍ତା କାର୍‌କୁ ଗୁଳିକରି ଲୁଟ୍ ଘଟଣାରେ ତୁରୁମୁଙ୍ଗା ପୁଲିସ ୬ ଡ଼କାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ପିସ୍ତଲ ସମେତ ଗୁଳି, ବୋଲେରୋ ଗାଡି ମଧ୍ୟ ଜବତ ହୋଇଛି। ସୂଚନା ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ସାତପୌଟିଆ ଗ୍ରାମର ଏସ.କେ ଅହମ୍ମଦ ହୁସେନ ତାଙ୍କ ଡ୍ରାଇଭରଙ୍କ ସହ କାର୍ ଯୋଗେ ପାଲଲହଡ଼ାରୁ ଫେରୁଥିବା ସମୟରେ ୪୯ ନମ୍ବର ଜାତୀୟରାଜପଥ ଖିରେଇଟାଙ୍ଗିରୀ ଟୋଲ୍ ଗେଟ୍ ନିକଟରେ କାର୍ ଉପରକୁ ଗୁଳି ମାଡ଼ କରି ଡ଼କାୟତମାନେ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଥିବାବେଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି।

# ସମ୍ବଲପୁରରୁ ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ସମ୍ବଲପୁର,୨୧/୨ ନ୍ୟୁଜ ବ୍ୟୁରୋ**

ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କୁ ଧନୀ ଓ ସମ୍ପନ୍ନ କରିବା ମୋଦିଜୀଙ୍କ ଗ୍ୟାରେଣ୍ଟି ହୋଇଛି ବୋଲି ସମ୍ବଲପୁରରେ ପିଏମ ସ୍ୱନିଧି ଯୋଜନାର ହିତାଧିକାରୀଙ୍କ ପାଇଁ ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପିଏମ ସ୍ୱନିଧି ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ରାସ୍ତା କଡରେ ବିକୁଥିବା ଉଠା ଦୋକାନୀ ଓ ଗାଡି ବ୍ୟବସାୟୀଙ୍କ ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଆଜି ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ନୂଆ ଉର୍ଜାର କିରଣ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ସ୍ୱୟଂ ପିଲାବେଳେ ଜଣେ ରାସ୍ତାକଡର ବ୍ୟବସାୟୀଙ୍କ ପରି ଜୀବନ ଅତିବାହିତ କରିଥିବା କାରଣରୁ ସେମାନଙ୍କ ଦୁଃଖ ଓ କଷ୍ଟକୁ ଅନୁଭବ କରିଥିଲେ । ତାଙ୍କ ମାର୍ଗଦର୍ଶନରେ ଶୁଭାରମ୍ଭ ହୋଇଥିବା ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଉଦ୍ଦେଶ୍ୟ ହେଉଛି ରାସ୍ତାକଡ଼ ଦୋକାନୀମାନଙ୍କୁ ଦକ୍ଷ କରି ସେମାନଙ୍କ ଜୀବନ ଓ ବ୍ୟବସାୟକୁ ସହଜ କରିବା। ଏହି ଯୋଜନା ଅଧୀନରେ ଭାରତ ସରକାର ଷ୍ଟ୍ରିଟ୍ ଭେଣ୍ଡର ଏବଂ କ୍ଷୁଦ୍ର ଦୋକାନୀମାନଙ୍କୁ ଦକ୍ଷ କରିବା ପାଇଁ ଫ୍ଲିପକାର୍ଟ ସହ ବୁଝାମଣା କରିଛନ୍ତି। ଦେଶର



ସମ୍ବଲପୁର ସମେତ ୧୦ଟି ବଡ଼ ସହରକୁ ବ୍ୟବସାୟରେ ନୂତନ ଜ୍ଞାନକୌଶଳର ବ୍ୟବହାର ପାଇଁ ରାସ୍ତାକଡ଼ ବିକାଳୀମାନଙ୍କୁ ପ୍ରଶିକ୍ଷଣ ଓ ଷ୍ଟାଇପେଣ୍ଡ୍ ରାଶି ପ୍ରଦାନ କରାଯିବ । ସବକା ସାଥ୍ ଓ ସବକା ବିଶ୍ୱାସ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ମୋଦି ରାସ୍ତାକଡ଼ ବିକାଳୀଙ୍କ ପାଇଁ ଯାହା କରିଛନ୍ତି ତାହା କୌଣସି ସରକାର ଦଶନ୍ଧି ଦଶନ୍ଧି ଧରି କରିନାହାଁନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ସହାୟତାରେ ଦେଶରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଲାଭାନ୍ୱିତ ହୋଇଥିବା ଉଠାଦୋକାନୀ ଭାଇ ଭଉଣୀମାନଙ୍କ ସହ ଉଦ୍ୟମିତା ବିକାଶ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହା ୭ଟି ରାଜ୍ୟର ବିଭିନ୍ନ ସହରରେ ଆରମ୍ଭ କରାଯାଉଛି, ଯେଉଁଥିରେ ଓଡ଼ିଶାର ସମ୍ବଲପୁର ମଧ୍ୟ ସାମିଲ ହୋଇଛି । ଏହି ପ୍ରକଳ୍ପ ଅଧୀନରେ ଆସାମରେ ଡିବ୍ରୁଗଡ, ଗୌହାଟି ଏବଂ କାଚାର, ମେଘାଳୟରେ ଶିଲଙ୍ଗ, ଉତ୍ତରପ୍ରଦେଶର କାନପୁର, ମଧ୍ୟପ୍ରଦେଶର ଇନ୍ଦୋର ସାମିଲ ରହିଛି । ସମୟାନୁକ୍ରମେ ଏହି ପ୍ରକଳ୍ପକୁ ଦେଶର ଅନ୍ୟ ସହରକୁ ମଧ୍ୟ ସାମିଲ କରାଯିବ। ଏହି ପ୍ରକଳ୍ପକୁ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଦୁଇଟି ଅଗ୍ରଣୀ ଅନୁଷ୍ଠାନ, ଯଥା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନସିପ୍ ଆଣ୍ଡ ସ୍ମଲ ବିଜନେସ୍ ଡେଭଲପମେଣ୍ଟ (NIESBUD), ନୋଏଡା ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନରସିପ୍ (IIE), ଗୌହାଟି ଦ୍ୱାରା ପରିଚାଳିତ କରାଯାଉଛି। ଏହି ସଂସ୍ଥା ଗୁଡିକୁ ଚୟନ ହୋଇଥିବା ଉଠା ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ୨୨ ସପ୍ତାହ ପାଇଁ ପ୍ରଶିକ୍ଷଣ ଦେବେ ଯାହାଦ୍ୱାରା ସେମାନେ ନିଜେ ନିଜର ବ୍ୟବସାୟକୁ ଆହୁରି ଦୃଢ଼ ଓ ପ୍ରଭାବୀ ରୂପେ ଚଳାଇ ପାରିବେ ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com